# ଯୋଗାଣ ଦର୍ପଣ

**ମାସିକ ସଂକ୍ଷିପ୍ତ ବିବରଣୀ । ଅଗଷ୍ଟ ୨୦୨୬**



**ଖାଦ୍ୟ ସୁରକ୍ଷାରୁ ଉପଭୋକ୍ତା ଅଧିକାର, ସମୃଦ୍ଧ ଓଡ଼ିଶାର ନୂଆ ବିଚାର**

# ବିଷୟସୂଚୀ


ମନ୍ତ୍ରୀଙ୍କ ବାର୍ତ୍ତା ------------------------------------------ ପୃଷ୍ଠା ୦୨

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ସଫଳ ରୂପାୟନ------------ ପୃଷ୍ଠା ୦୩

ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କ ଉତ୍ସାହ------------- ପୃଷ୍ଠା ୦୪ - ୦୫

ଚଳିତ ମାସରେ ବିଭାଗୀୟ ମନ୍ତ୍ରୀଙ୍କ ପଦକ୍ଷେପ ଓ କାର୍ଯ୍ୟକ୍ରମ --------- ପୃଷ୍ଠା ୦୬

ରନ୍ଧନଗ୍ୟାସ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ତଥ୍ୟ ----- ପୃଷ୍ଠା ୦୭

ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା ---------------- ପୃଷ୍ଠା ୦୮

୧୯୬୭-ହେଲ୍ପଲାଇନ ନମ୍ବର-------------------------------- ପୃଷ୍ଠା ୦୯

ଅଗଷ୍ଟ ମାସରେ ଉଠାଣ ଚାଉଳର ପରିମାଣ------------------ ପୃଷ୍ଠା ୧୦ - ୧୧

ଖାଉଟିଙ୍କ ପାଇଁ ବିଭାଗର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ------------- ପୃଷ୍ଠା ୧୨

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର**
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ବୈଷୟିକ



# ବାର୍ତ୍ତା

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୪୭ ବର୍ଷରେ ପଦାର୍ପଣ କରିଛି |  ୪୭ ବର୍ଷର ଏହି ଲମ୍ବା ଯାତ୍ରାରେ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ସେବା କରିବାର ସଂକଳ୍ପ ସେଭଳି ଅତୁଟ ରହିଛି। ନିଗମ ଚାଷୀ ସହ ଖାଉଟିଙ୍କ ଅଧିକାରର ସୁରକ୍ଷା ପର୍ଯ୍ୟନ୍ତ, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଜୀବନ ସହ ଯୋଡ଼ି ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛି ।

ଚାଷୀଙ୍କ ପାଖରୁ ଧାନ କ୍ରୟ କରିବା ହେଉ କି ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିବା ହେଉ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଏହାର ସେବା ଦେଇଆସିଛି | ତେବେ ଏହି ଅବସରରେ ପ୍ରକାଶ ପାଇଥିବା ବିଶେଷ ପତ୍ରିକା 'ଯୋଗାଣ ଦର୍ପଣ' ମାଧ୍ୟମରେ ଜନସାଧାରଣ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର କାର୍ଯ୍ୟଧାରା ବାବଦରେ ବିସ୍ତୃତ ଭାବେ ଜାଣିବାକୁ ପାଇବେ | ଏହି ପତ୍ରିକା ମାଧ୍ୟମରେ ନିଗମ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ନିଆଯାଉଥିବା ଅନେକ ପଦକ୍ଷେପ ବ୍ୟାପକ ସଚେତନତା ସୃଷ୍ଟି କରିବ ବୋଲି ମୋର ଆଶା ଓ ବିଶ୍ୱାସ | ପତ୍ରିକାର ସର୍ବାଙ୍ଗୀନ ସଫଳତା କାମନା କରିବା ସହ ରାଜ୍ୟବାସୀଙ୍କ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି |

**(କୃଷ୍ଣ ଚନ୍ଦ୍ର ପାତ୍ର)**
ମନ୍ତ୍ରୀ,
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡିଶା

## ଚଳିତ ମାସ ସିଏମଏୱାଇ ହିତାଧିକାରୀଙ୍କୁ ମିଳିଲା ୨ ଲକ୍ଷ ୪୦ ହଜାର ମେଟ୍ରିକ ଟନ ଚାଉଳ

ସମୃଦ୍ଧ ପଥରେ ଆଗକୁ ବଢିଚାଲିଛି ଓଡ଼ିଶା । ଆଉ ସମୃଦ୍ଧିର ଏହି ଯାତ୍ରାରେ ଏବେ ରାଜ୍ୟର ଲକ୍ଷ ଲକ୍ଷ ହିତାଧିକାରୀଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଖାଦ୍ୟ ସୁରକ୍ଷାର ନୂଆ ଆଧାର ସାଜିଛି । ଖାଦ୍ୟ ସୁରକ୍ଷା ପ୍ରତି ସରକାରଙ୍କ ଦୃଢ ସଂକଳ୍ପ ଯୋଗୁଁ ୧ କୋଟିରୁ ଉର୍ଦ୍ଧ୍ୱ ପରିବାର, ୩ କୋଟିରୁ ଅଧିକ ହିତାଧିକାରୀଙ୍କ ପାଇଁ ଆଣିଛି ଆତ୍ମବିଶ୍ୱାସର ନୂଆ ଆଲୋକ । ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କିଲୋ ନୁହେଁ ବରଂ ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷାକୁ ଅଧିକ ମଜଭୁତ କରିଛନ୍ତି । ୧୧ ହଜାରରୁ ଅଧିକ ସୁଲଭ ମୂଲ୍ୟ ଦୋକାନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ମାଗଣାରେ ୧୦ କିଲୋ ଚାଉଳ ମିଳୁଥିବାବେଳେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ର ହିତାଧିକାରୀମାନେ ଉପକୃତ ହେଉଛନ୍ତି ।







# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସଫଳ ରୂପାୟନ

### ଖାଦ୍ୟ ସୁରକ୍ଷା ସୁନିଶ୍ଚିତତା ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏକ ଐତିହାସିକ ସଂକଳ୍ପ





ଚଳିତମାସ(ଅଗଷ୍ଟ) ମାସରେ ୭୨ ଲକ୍ଷ ୭୧ ହଜାର ୬୭୬ ପରିବାରକୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୨ ଲକ୍ଷ ୪୦ ହଜାର ୫୨୨ ମେଟ୍ରିକ ଟନ ଚାଉଳ ଯୋଗାଇ ଦିଆଯାଇଛି |

# ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କ ଉତ୍ସାହ

## ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କ ଉତ୍ସାହ: ୧୯ ଲକ୍ଷ ଚାଷୀ କଲେ ପଞ୍ଜିକରଣ






ଖରିଫ ଧାନ ସଂଗ୍ରହ ବିପଣନ ଋତୁ ୨୦୨୬-୨୭ ପାଇଁ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଜ୍ୟର **୧୯ ଲକ୍ଷ ୩ ହଜାର**ରୁ ଅଧିକ ଚାଷୀ ନାମ ପଞ୍ଜିକରଣ କରିଥିଲେ । ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଓ ପାଣି ପଞ୍ଚାୟତରେ ପଞ୍ଜିକରଣ କରାଯାଇଥିବାବେଳେ ଅଗଷ୍ଟ ୬ ତାରିଖରୁ ଏହି ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିଲା ।

ବରଗଡ଼ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୭୪ ହଜାର ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ପୂର୍ବ ବର୍ଷ ଏହି ସଂଖ୍ୟା ୧ ଲକ୍ଷ ୬୩ ହଜାର ଥିଲା । କଳାହାଣ୍ଡିରେ ପ୍ରାୟ ୧ ଲକ୍ଷ ୨୫ ହଜାର ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ପୂର୍ବ ବର୍ଷ ଏହି ସଂଖ୍ୟା ୧ ଲକ୍ଷ ୨୧ ହଜାର ଥିଲା । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୫୮ ହଜାର ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ପୂର୍ବ ବର୍ଷ ଏହି ସଂଖ୍ୟା ୧ ଲକ୍ଷ ୫୬ ହଜାର ଥିଲା । ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୮ ହଜାର ଓ ବଲାଙ୍ଗୀର ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୨ ହଜାର ଜଣ ଚାଷୀ ପଞ୍ଜିକରଣ କରିଛନ୍ତି ।





ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ବିଗତ ବର୍ଷକୁ ତୁଳନା କଲେ ଚଳିତ ବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିଥିଲେ । ରାଜ୍ୟରେ ୨୯୬୧ଟି ପ୍ୟାକ୍ସ/ଲ୍ୟାମ୍ପସ ଥିବାବେଳେ ୪ଟି ପାଣି ପଞ୍ଚାୟତରେ ଏଥର ପଞ୍ଜୀକରଣ ସମ୍ପନ୍ନ ହୋଇଥିଲା । ବିଶେଷ କଥା ଯେ, ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ୧୧୦ ପ୍ରତିଶତ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ପୁରୀରେ ୧୦୯ ପ୍ରତିଶତ, ମୟୁରଭଞ୍ଜରେ ୧୦୭ ପ୍ରତିଶତ, କେନ୍ଦ୍ରାପଡାରେ ୧୦୬ ପ୍ରତିଶତ ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ । ସେହିପରି ବରଗଡ଼, କୋରାପୁଟ, ଦେବଗଡ, ବୌଦ୍ଧ, କଳାହାଣ୍ଡି, ସୁବର୍ଣ୍ଣପୁର, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳରେ ମଧ୍ୟ ୧୦୦ ପ୍ରତିଶତରୁ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଥିଲେ । ଚଳିତ ପଞ୍ଜୀକରଣ ପ୍ରକ୍ରିୟା ବିଭିନ୍ନ ବିଭାଗ ଯଥା-ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ କରାଯାଇଥିଲା ।





# ଚଳିତ ମାସରେ ବିଭାଗୀୟ ମନ୍ତ୍ରୀଙ୍କ ପଦକ୍ଷେପ ଓ କାର୍ଯ୍ୟକ୍ରମ



**ନୂଆଦିଲ୍ଲୀରେ** ଓଡ଼ିଶାର ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ (MD) ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମାନ୍ୟବର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ଏବଂ ନୂତନ ଓ ପୁନଃନବୀକରଣୀୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ଓଡ଼ିଶାର ଚାଷୀଙ୍କ ହିତ, ଧାନ ସଂଗ୍ରହ ପ୍ରକ୍ରିୟାର ସୁଦୃଢ଼ୀକରଣ ଏବଂ ରାଜ୍ୟରେ ଖାଦ୍ୟ ଶସ୍ୟ ସଂଗ୍ରହ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ, ସ୍ୱଚ୍ଛ ଓ କାର୍ଯ୍ୟକ୍ଷମ କରିବା ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଓ ଫଳପ୍ରସୂ ଆଲୋଚନା ହୋଇଥିଲା ।




ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ, ଦ୍ରୁତ ଓ ସୁବିଧାଜନକ କରିବାଦିଗରେ ଓଡ଼ିଶା ସରକାର ଆଉ ଏକ ନୂଆପଦକ୍ଷେପ ନେଇଥିଲେ । ଢେଙ୍କାନାଳରେ ଆରମ୍ଭ ହୋଇଥିଲା 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' । ଓଡ଼ିଶା ସରକାର ଏବଂ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (WFP)ର ମିଳିତ ପଦକ୍ଷେପରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଏହି ଅଭିନବ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଏହି ଅବସରରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଭାରତର ଉପନିର୍ଦ୍ଦେଶିକା ସୁଶ୍ରୀ ନୋଜୋମି ହାଶିମୋଟୋ ଏବଂ ୱାର୍ଲ୍ଡ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ଓଡ଼ିଶା ଶାଖା ମୁଖ୍ୟ ଶ୍ରୀ ହିମାଂଶୁ ବଳ ଉପସ୍ଥିତ ଥିଲେ ।





**ଢେଙ୍କାନାଳ** ସହରର ପୁରୁଣା ଜିଲ୍ଲା ପରିଷଦ ହଲ୍‌ଠାରେ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନୂଆ ହିତାଧିକାରୀ ମାନଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ । ରାସନ କାର୍ଡ ହାତରେ ପାଇ ଖାଦ୍ୟ ସୁରକ୍ଷାର ଅଧିକାର ସହ ନୂଆ ହିତାଧିକାରୀମାନେ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ ।

# ରନ୍ଧନଗ୍ୟାସ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ତଥ୍ୟ





ଖାଉଟିଙ୍କ ଅଧିକାରର ସୁରକ୍ଷା ଓ ଖାଉଟିଙ୍କୁ ଠକୁଥିବା ବ୍ୟକ୍ତିଙ୍କ ବିରୋଧରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବିଶେଷ କରି ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଠୁଳ କରି ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହି କ୍ରମରେ କଳାହାଣ୍ଡିର ଜୁନାଗଡ଼ଠାରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ଘରୁ ୭୮ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିଲା ।

## କଳାବଜାର ଉଦ୍ଦେଶ୍ୟରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅଗଷ୍ଟ ମାସରେ କାର୍ଯ୍ୟାନୁଷ୍ଠାନର ତଥ୍ୟ




# ଯାନବାହନ ଅବସ୍ଥାନ ଟ୍ରାକିଂ

## CCEC ଠାରେ ଏକୀକୃତ ଡ୍ୟାସବୋର୍ଡ ମାଧ୍ୟମରେ GPS ଆଧାରିତ ଯାନ ଟ୍ରାକିଂ ପ୍ରଣାଳୀର ନିରୀକ୍ଷଣ



ସ୍ୱଚ୍ଛ, ସୁରକ୍ଷିତ ଓ ଦକ୍ଷ ପରିବହନର ସ୍ମାର୍ଟ ପଦକ୍ଷେପ ଭାବେ ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥାକୁ ଆପଣାଇଛି ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ । ଡିପୋରୁ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ପ୍ରତ୍ୟେକ ଯାନବାହନର ଅବସ୍ଥାନ ଉପରେ ନିରନ୍ତର ନଜର ସହ ମାର୍ଗ ପରିବର୍ତ୍ତନ, ଅସ୍ୱାଭାବିକ ବିଳମ୍ବ କିମ୍ବା ଦୀର୍ଘ ସମୟ ଅଟକି ରହିବା ଭଳି ଘଟଣାକୁ ତୁରନ୍ତ ଚିହ୍ନଟ କରି ଚୋରି ଓ ଅନିୟମିତତାକୁ ରୋକିବାରେ ବେଶ ସହାୟକ ହୋଇପାରିଛି । ସ୍ମାର୍ଟ ପରିଚାଳନା ସହ ଉତ୍ତମ ମାର୍ଗ ଚୟନ, ଅଧିକ କାର୍ଯ୍ୟକୁଶଳତା ଏବଂ ସୁଦୃଢ଼ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି ।




ତଥ୍ୟ ମୁତାବକ ଚଳିତ ମାସ(ଅଗଷ୍ଟ)ରେ ଧାନ ମିଲରୁ ଡିପୋକୁ ଚାଉଳ ପରିବହନ ପାଇଁ ସମୁଦାୟ ୨୦,୪୫୪ଟି ଚାଲାଣ ଜାରି କରାଯାଇଥିଲା । ସେହିପରି ଭିଏଲଟିଡି ବ୍ୟବସ୍ଥାରେ ସମୁଦାୟ ୨୦,୧୯୦ଟି ଟ୍ରିପ ହୋଇଥିଲା । ୨୬୪ଟି ଟ୍ରିପରେ ଭିଏଲଟିଡି ବ୍ୟବହାର ହୋଇନଥିବାବେଳେ ୯୯ ପ୍ରତିଶତ ଭିଏଲଟିଡି ବ୍ୟବସ୍ଥା ବ୍ୟବହାର କରାଯାଇଥିଲା ।

GPS ଆଧାରିତ ଯାନ ଟ୍ରାକିଂ ନିମନ୍ତେ ମୋବାଇଲ୍ ଆପ୍ଲିକେସନ୍

## ୧୯୬୭-ହେଲ୍ପଲାଇନ ନମ୍ବର: ଜନସାଧାରଣଙ୍କ ପାଇଁ ସବୁ ସମୟରେ ସଜାଗ

ରବି ଧାନ ବିକ୍ରି ସମେତ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମେତ ବିଭାଗ ସମ୍ବନ୍ଧୀୟ ଅନ୍ୟ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସଦାସର୍ବଦା ପ୍ରସ୍ତୁତ ହୋଇ ରହିଛି '୧୯୬୭' ହେଲ୍ପଲାଇନ ନମ୍ବର । ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କଲ୍ ସେଣ୍ଟର ଚାଲୁଥିବାବେଳେ ରାଜ୍ୟବାସୀଙ୍କ ପ୍ରଶ୍ନ ଉତ୍ତର ସହ ବିଭିନ୍ନ ସମସ୍ୟାର ସମାଧାନ କିଭଳି କରାଯାଇପାରିବ, ଅଧିକାରୀଙ୍କୁ କିଭଳି ସମସ୍ୟା ବାବଦରେ ଅବଗତ କରାଯିବ, ସେହି କାର୍ଯ୍ୟକୁ ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା ଦ୍ୱାରା କରାଯାଏ ।

**୧୯୬୭ ହେଲ୍ପଲାଇନ**

| | |
|---|---|
| ସମୁଦାୟ କଲ | ୧୧,୬୮୪ |
| ଫୋନ କଲ ଗ୍ରହଣ କରାଯାଇଥିଲା | ୧୧,୪୫୮ |
| ଫୋନ କଲ ସମ୍ଭବ ହୋଇପାରିନଥିବା | ୨୨୬ |
| ବିଭାଗ ପକ୍ଷରୁ କଲ କରାଯାଇଥିଲା | ୨ ଲକ୍ଷ ୨୩ ହଜାର ୩୪୨ ଜଣ |
| ଫୋନ କଲ ଯୋଗାଯୋଗ ସମ୍ଭବ | ୭୫,୮୫୯ |
| ଫୋନ କଲ ଯୋଗାଯୋଗ ହୋଇନଥିବା | ୧,୪୭,୪୮୩ |

ଚଳିତ ଅଗଷ୍ଟ ମାସରେ ୧୯୬୭ ହେଲ୍ପଲାଇନକୁ ସମୁଦାୟ ୧୧,୬୮୪ଟି କଲ ଆସିଥିବାବେଳେ ୧୧,୪୫୮ଟି ଫୋନ କଲକୁ ଗ୍ରହଣ କରାଯାଇଥିଲା । ସେହିପରି ୨୨୬ଟି ଫୋନ କଲ ସମ୍ଭବ ହୋଇପାରିନଥିବାବେଳେ ୨ ଲକ୍ଷ ୨୩ ହଜାର ୩୪୨ ଜଣଙ୍କୁ ବିଭାଗ ପକ୍ଷରୁ କଲ କରାଯାଇଥିଲା । ଏଥିମଧ୍ୟରୁ ୭୫,୮୫୯ ଫୋନ କଲ ଯୋଗାଯୋଗ ସମ୍ଭବ ହୋଇଥିବାବେଳେ ୧,୪୭,୪୮୩ଟି ଫୋନ କଲ କେହି ଉଠାଇନଥିଲେ ବା ଯୋଗାଯୋଗ ସମ୍ଭବ ହୋଇପାରିନଥିଲା ।

**୧୯୬୭ ହେଲ୍ପଲାଇନ**

# ଅଗଷ୍ଟ ମାସରେ ଉଠାଣ ଚାଉଳର ପରିମାଣ

ରାଜ୍ୟର ଲକ୍ଷ ଲକ୍ଷ ହିତାଧିକାରୀଙ୍କୁ ଖାଦ୍ୟସୁରକ୍ଷା ଦେବା ପାଇଁ ଉଭୟକେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଚାଉଳ ବଣ୍ଟନ କରିଆସୁଛନ୍ତି । ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀମାନଙ୍କ ପାଇଁ ରାଜ୍ୟରେ ଲିକେଜ୍-ମୁକ୍ତ ପିଡ଼ିଏସ ବ୍ୟବସ୍ଥାକୁ ଆପଣାଯାଇଥିବାବେଳେ ଅଗଷ୍ଟ ମାସରେ କେତେ ଚାଉଳ ଉଠାଣ କରାଯାଇଥିଲା ତାହାର ବିବରଣୀ ଦିଆଯାଇଛି ।



**ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ**

- ୦୧ — **୯୭,୯୭,୫୭୨ ପରିବାରର** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (SFSS) ଅଧୀନରେ
- ୦୨ — **୧୨,୩୮,୩୨୧ ପରିବାର** ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) ଅଧୀନରେ
- ୦୩ — **୮୫,୫୯,୨୫୧ ପରିବାରର** ଅଗ୍ରାଧିକାର ପରିବାର (Priority Household) ଅଧୀନରେ
- ୦୪ — **୮୯,୯୭,୫୬୮ କୁଇଣ୍ଟାଲ ଚାଉଳ** ଚାଉଳ ଅଗ୍ରାଧିକାର ପରିବାର (PHH)
- ୦୫ — **୫,୫୧,୨୧୪ କୁଇଣ୍ଟାଲ ଚାଉଳ** ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) ପାଇଁ
- ୦୬ — **୧୮,୪୪,୭୬୨ କୁଇଣ୍ଟାଲ ଚାଉଳ** ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS)
- ୦୭ — **୨,୮୮,୫୪,୦୫୦ ଜଣ** ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି
- ୦୮ — **୩୪,୩୫,୬୪୨ ଜଣ** ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି
- ୦୯ — **୩,୨୨,୮୯,୬୯୨ ଜଣ** ସଦସ୍ୟ/ସଦସ୍ୟା ଅନ୍ତର୍ଭୁକ୍ତ ହୋଇଛନ୍ତି

ଜାତୀୟଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୭,୯୭,୫୭୨ ପରିବାରର ୩,୨୨,୮୯,୬୯୨ଜଣ ସଦସ୍ୟ/ସଦସ୍ୟା ଅନ୍ତର୍ଭୁକ୍ତ ହୋଇଛନ୍ତି । ଏଥିମଧ୍ୟରୁ ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) ଅଧୀନରେ ୧୨,୩୮,୩୨୧ ପରିବାରର ୩୪,୩୫,୬୪୨ ଜଣହିତାଧିକାରୀ ଓ ଅଗ୍ରାଧିକାର ପରିବାର (Priority Household) ହିସାବରେ ୮୫,୫୯,୨୫୧ ପରିବାରର ୨,୮୮,୫୪,୦୫୦ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏମାନଙ୍କ ପାଇଁ ୧୮,୪୪,୭୬୨ କୁଇଣ୍ଟାଲ ଚାଉଳ, ରାଜ୍ୟଖାଦ୍ୟ ସୁରକ୍ଷା ଯୋଜନା ପାଇଁ ୪୫,୬୫୮ କୁଇଣ୍ଟାଲ ଚାଉଳ, ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) ପାଇଁ ୫,୫୧,୨୧୪ କୁଇଣ୍ଟାଲ ଚାଉଳ ଉଠାଣ କରାଯାଇଛି ।

# ଅଗଷ୍ଟ ମାସରେ ଉଠାଣ ଚାଉଳର ପରିମାଣ

ଅଗ୍ରାଧିକାର ପରିବାର (PHH)
(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)
ପାଇଁ
**୨୨,୭୭,୨୨୬ କୁଇଣ୍ଟାଲ**



ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY)
(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)
ପାଇଁ
**୨,୭୬,୮୮୦ କୁଇଣ୍ଟାଲ**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(SFSS)
(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)ପାଇଁ
**୭୪,୪୧୨ କୁଇଣ୍ଟାଲ ଚାଉଳ**

## ଅନ୍ତ୍ୟୋଦୟ ଅନ୍ନ ଯୋଜନା (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)

ସେହିପରିଅନ୍ତ୍ୟୋଦୟ ଅନ୍ନ ଯୋଜନା (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୨,୭୬,୮୮୦ କୁଇଣ୍ଟାଲ, ଅଗ୍ରାଧିକାର ପରିବାର (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୨୨,୭୭,୨୨୬ କୁଇଣ୍ଟାଲ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା( ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୭୪,୪୧୨ କୁଇଣ୍ଟାଲଚାଉଳ ଉଠାଣ କରାଯାଇଛି ।

କଲ୍ୟାଣକାରୀ ଅନୁଷ୍ଠାନ ଏବଂ ଛାତ୍ରାବାସ ଯୋଜନାପାଇଁ ୮୫,୬୩୮ କୁଇଣ୍ଟାଲ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣଯୋଜନା (PM-POSHAN) ପ୍ରାଥମିକ ବିଦ୍ୟାଳୟ ପାଇଁ ୧,୫୧,୫୦୬ କୁଇଣ୍ଟାଲ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା (ଉଚ୍ଚ ପ୍ରାଥମିକ ବିଦ୍ୟାଳୟ) ପାଇଁ ୧,୪୧,୬୨୮ କୁଇଣ୍ଟାଲ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା (MMPY)ପାଇଁ ୧,୧୩,୯୧୫ କୁଇଣ୍ଟାଲ, ଗହମ ଭିତ୍ତିକ ପୁଷ୍ଟିସାଧନ କାର୍ଯ୍ୟକ୍ରମ (WBNP) ପାଇଁ ୪୮,୫୮୫ କୁଇଣ୍ଟାଲଚାଉଳ ଉଠାଣ କରାଯାଇଛି ।

# ଖାଉଟିଙ୍କ ପାଇଁ ବିଭାଗର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ






ସେହିପରି ଅସାଧୁ ବ୍ୟବସାୟକୁ ରୋକିବା ଓ ଖାଉଟିଙ୍କ ସୁରକ୍ଷାକୁ ନେଇ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାରେ ବୈଧ ମାପ ଓ ଓଜନ ଅଧିକାରୀମାନେ ଉପଭୋକ୍ତାଙ୍କ ପାଇଁ ଉଦ୍ଦିଷ୍ଟ ସିଲିଣ୍ଡରରେ ଗ୍ୟାସ ପରିମାଣ ସଠିକ ରହୁଛି ନା ନାହିଁ ତାହା ଯାଞ୍ଚ କରିଥିଲେ । ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ାରେ ବୈଧ ମାପ ଓ ଓଜନ ଅଧିକାରୀମାନେ ପେଟ୍ରୋଲ ପମ୍ପରେ ଯାଞ୍ଚ କରିବା ସହ ଅଧିକାରୀମାନେ ପେଟ୍ରୋଲର ଗୁଣବତ୍ତା ସହ ଗ୍ରାହକଙ୍କୁ ପେଟ୍ରୋଲ କିଭଳି ବିକ୍ରି କରାଯାଉଛି ତାହା ଅନୁଧାନ କରିଥିଲେ । ଏହା ସହ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗ୍ରାହକଙ୍କୁ ସବୁବେଳେ ସଠିକ ମାତ୍ରାରେ ପେଟ୍ରୋଲ ଦେବାକୁ ଓ କୌଣସି ଠକାମୀ ନ କରିବାକୁ ପରାମର୍ଶ ମଧ ଦେଇଥିଲେ ।





ସେହିପରି ଖାଉଟିଙ୍କ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ାର ବିଭିନ୍ନ ଫଳ ଓ ମାଛ ଦୋକାନରେ ବୈଧ ମାପ ଓ ଓଜନ ଅଧିକାରୀମାନଙ୍କ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଦୋକାନଗୁଡ଼ିକରେ ଖାଉଟିଙ୍କୁ ସଠିକ୍ ମାପ ଓ ଓଜନରେ ଫଳ ଓ ମାଛ ବିକ୍ରି କରାଯାଉଛି କି ନାହିଁ, ତାହା ଯାଞ୍ଚ କରାଯାଇଥିଲା। ରାଜ୍ୟର ଅନେକ ଜିଲ୍ଲାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ମୂଲ୍ୟ ଓ ବଜାର ସ୍ଥିତି ଯାଞ୍ଚ କରାଯାଇଥିଲା। ଖାଉଟିମାନଙ୍କ ସ୍ୱାର୍ଥ ସୁରକ୍ଷା ସହ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ଅଧିକାରୀମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ କରିଥିଲେ ।

# ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚିଥିଲା ପ୍ରଶାସନ

## ବନ୍ୟା ବିପନ୍ନଙ୍କ ପାଖରେ ସହାୟତାର ହାତ




ଅଗଷ୍ଟ ମାସରେ ରାଜ୍ୟର କିଛି ଜିଲ୍ଲାରେ ବନ୍ୟା ପରିସ୍ଥିତି ଦେଖାଦେବା ସମୟରେ ବିପନ୍ନ ପରିବାରଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ନିଜର ଦାୟିତ୍ୱ ଭାବେ ଗ୍ରହଣ କରି ସେମାନଙ୍କ ପାଖରେ ପହଞ୍ଚିଥିଲା ଜିଲ୍ଲା ପ୍ରଶାସନ।





ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହିତ ଏହା ଅଧୀନସ୍ଥ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର କର୍ମଚାରୀମାନେ ମଧ୍ୟ ରିଲିଫ୍ କାର୍ଯ୍ୟରେ ସାମିଲ ହୋଇ ବିପନ୍ନଙ୍କ ପାଖରେ ପହଞ୍ଚାଇଥିଲେ ସହାୟତାର ହାତ।

ବନ୍ୟାରେ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇଥିଲା। ଦୁର୍ଦ୍ଦିନରେ ଲୋକଙ୍କ ପାଖରେ ଠିଆ ହୋଇ ସେବା, ସମ୍ବେଦନଶୀଳତା ଓ ମାନବିକତାର ଉଦାହରଣ ସୃଷ୍ଟି କରିଥିଲା ବିଭାଗ ଓ ନିଗମ।

# ଷ୍ଟାଫ କର୍ଣ୍ଣର



ତିନୋଟି ରଙ୍ଗରେ ଝଲସି ଉଠେ ଦେଶପ୍ରେମର ଭାବନା, ଅଶୋକଚକ୍ରରେ ପ୍ରତିଫଳିତ ହୁଏ ନିରନ୍ତର ପ୍ରଗତିର ସଂକଳ୍ପ। ଏହି ଦେଶପ୍ରେମର ଅପୂର୍ବ ଭାବନାକୁ ଜନମାନସରେ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପାଳିତ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ମଧ୍ୟ ଗର୍ବର ସହ ସାମିଲ ହୋଇଥିଲା ।



















**ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ**

ସି/୨, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା

୭୫୧୦୧୨,(୯୧+୬୭୪) ୨୩୯୫୩୯୧, ୨୩୯୫୩୯୨